ମର୍ତ୍ତ୍ୟ ରମ୍ଭା

ପ୍ରଣୀତ

ତରୁଣକଣ୍ଠ ଜଗନ୍ନାଥ ଦାଶ

ପ୍ରକାଶକ

ଗୋପବନ୍ଧୁ ସାଂସ୍କୃତିକ ପରିଷଦ,

ରମ୍ଭା, ଗଞ୍ଜାମ

Digitized by PPRACHIN, SOA

ମର୍ତ୍ତ୍ୟରମ୍ଭା

MARTYARAMBHA

ପ୍ରଣୀତ

ତରୁଣକଣ୍ଠ ଜଗନ୍ନାଥ ଦାଶ

★

ପ୍ରକାଶକ

ଗୋପବନ୍ଧୁ ସାଂସ୍କୃତିକ ପରିଷଦ,

ରମ୍ଭା, ଗଞ୍ଜାମ

Digitized by PPRACHIN, SOA

ମର୍ତ୍ତ୍ୟରମ୍ଭା

ପ୍ର ଣୀ ତ

ତରୁଣକବି ଜଗନ୍ନାଥ ଦାଶ

ରମ୍ଭା (ଗଞ୍ଜାମ)

ପ୍ର କା ଶ କ

ଗୋପବନ୍ଧୁ ସାଂସ୍କୃତିକ ପରିଷଦ

ରମ୍ଭା (ଗଞ୍ଜାମ)

ପ୍ରଥମ ସଂସ୍କରଣ – ୧୯୯୫

ମୁଦ୍ରଣ :-

ଶ୍ରୀ ଦୁର୍ଗା ପ୍ରେସ୍

ବ୍ରହ୍ମପୁର (ଗଞ୍ଜାମ)

ମୂଲ୍ୟ- ୫ ଟଙ୍କା (ପାଞ୍ଚଟଙ୍କା ମାତ୍ର)

Digitized by PPRACHIN, SOA

ମକରଧ୍ୱଜ ହୋତା

ଜଲ୍ଲାପାଳ, ଗଞ୍ଜାମ

ତରୁଣ କବି ଶ୍ରୀ ଜଗନ୍ନାଥ ଦାଶଙ୍କ ଗୀତିକାବ୍ୟ 'ମର୍ତ୍ତ୍ୟରମ୍ଭା' ପାଠକରିବା ସୁଯୋଗ ପାଇଲି । ଏହା ଲେଖକଙ୍କର ଏକ ସଫଳ କୃତି । 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି' ଉକ୍ତିର ପ୍ରତିଫଳନ ଏହି କାବ୍ୟରେ ସୁସ୍ପଷ୍ଟ । ତାଙ୍କର ଜନ୍ମଭୂମିପ୍ରତି ଅନୁରକ୍ତିର ଏକ ନିଦର୍ଶନ ଏଥିରୁ ମିଳେ । ପାଳ [illegible] ଅତି ସରଳ ଓ ସାବଲୀଳ ଭାଷାରେ ଲମ୍ବା ଚରଣର ଛନ୍ଦୋବଦ୍ଧ ପାଠକ ପାଠିକାମାନଙ୍କ ଆଗରେ ଉପସ୍ଥାପିତ କରିବା ପାଇଁ ପ୍ରୟାସ କରିଛନ୍ତି । ଲେଖକ ମୁଖରେ ନିଜ ଜନ୍ମଭୂମିର ପ୍ରକୃତିର ପ୍ରସାର ମହିମା ସେ ଚେଷ୍ଟିତ । ତେଣୁ ମାତୃଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣିତ ସୁନ୍ଦର ଭାବରେ ବର୍ଣ୍ଣନା କରି କାବ୍ୟଟିକୁ ରସାପ୍ଲୁତ କରି ପାରିଛନ୍ତି । କାବ୍ୟଟି ସୁଖପାଠ୍ୟ ହୋଇଛି । ଏହା ପାଠକ ପାଠିକାଙ୍କ ଆଦରଣୀୟ ହୋଇପାରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ତାଙ୍କର ଲେଖଣୀ ସମୃଦ୍ଧ ହେଉ । ସାରସ୍ୱତ ସେବା ତାଙ୍କ ଜୀବନର ଚଲାପଥକୁ ସୁରଭିତ କରୁ । ସେ ଦୀର୍ଘାୟୁ ହୋଇ ସାହିତ୍ୟ ସାଧନାରେ ଅଗ୍ରସର ହୁଅନ୍ତୁ ।

ଜୟପୁର — ମକରଧ୍ୱଜ ହୋତା

୧୯-୧୦-୯୫

Digitized by PPRACHIN, SOA

ଅଭିମତ

ଆମ ମହାବିଦ୍ୟାଳୟର ଛାତ୍ର ତରୁଣକବି ଜଗନ୍ନାଥ ଦାଶଙ୍କ ମର୍ତ୍ତ୍ୟରମ୍ଭା କାବ୍ୟଟି ପଢ଼ି ଖୁସି ହେଲି । ପ୍ରାକୃତିକ ସୌନ୍ଦର୍ଯ୍ୟର ଐତିହାସିକପୀଠ ରମ୍ଭାର ନିଜ ଐତିହ୍ୟ ଓ କିମ୍ବଦନ୍ତୀକୁ ନେଇ କବି ମର୍ତ୍ତ୍ୟରମ୍ଭା କାବ୍ୟ ରଚନା କରିଛନ୍ତି ।

ଉକ୍ତ କାବ୍ୟ ଆମ ମହାବିଦ୍ୟାଳୟ ତରଫରୁ ପ୍ରକାଶ ପାଇଁ ପରିଚାଳନା କମିଟି ପ୍ରସ୍ତାବ ଗ୍ରହଣ କରିଥିଲେ ଏଣୁ ସମୟ ସାପେକ୍ଷତା ଦୃଷ୍ଟିରୁ ରମ୍ଭା ଗୋପବନ୍ଧୁ ସାଂସ୍କୃତିକ ପରିଷଦ ତରଫରୁ ପ୍ରକାଶ ପାଇବାରୁ ଆମେ ଆନନ୍ଦିତ ।

ତରୁଣକବି ଜଗନ୍ନାଥ ଦାଶଙ୍କ ରାଧାପ୍ରେମ କର୍ଣ୍ଣ ଚରଣୀ ଓଡ଼ିଶା ସାଂସ୍କୃତିକ ସଙ୍ଘ ତରଫରୁ ପୂର୍ବରୁ ପ୍ରକାଶ ପାଇ ପାଠକ ମାନଙ୍କୁ ଚଳଚଞ୍ଚଳ କରିଛି ଏବଂ କବିଙ୍କର ଅନ୍ୟ କେତେକ କୃତି ମଧ୍ୟରୁ ଝରଦ ବିନୋଦନ ପାଣ୍ଡୁଲିପି ମୁଁ ଦେଖି ଆନନ୍ଦ ଅନୁଭବ କରୁଛି, କବି ଆଦ୍ୟ ବିଅନୁପ୍ରାସରେ ସମ୍ପୂର୍ଣ୍ଣ କାବ୍ୟଟି ରଚନାକରି ନିଜର ଉନ୍ନତ ସାଧନା କରିଛନ୍ତି ।

ଆମେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁ ତରୁଣ କବି ଜଗନ୍ନାଥ ଦାଶଙ୍କ ଲେଖନୀ ସାହିତ୍ୟ ସାଧନାରେ ଅଗ୍ରସର ହୋଇ ଯଶସ୍ୱୀ ହେଉ ।

ଜୟ ଜଗନ୍ନାଥ

ସୁବାସ ଚନ୍ଦ୍ର ପଣ୍ଡା

ସମ୍ପାଦକ

ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ରମ୍ଭା (ଗଞ୍ଜାମ)

୨୦-୧୧-୯୫

Digitized by PPRACHIN, SOA

ମୁଖଶାଳା

ରମ୍ଭା, ଉତ୍କଳ-ଶୋଭା ବଳୟର ଅପୂର୍ବ ରୂପସୀ । ଘନନୀଳ ପର୍ବତର ସବୁଜ ଶ୍ୟାମଳା-ଧରଣୀ ରମ୍ଭାର ଚଉଦିଗ ଅଳଙ୍କୃତ-ଆସନରେ ଆସୀନ କରି ରଖିଅଛି । ଯେଉଁ ରମ୍ଭା ସହରର ପୂର୍ବଦିଗରେ ସ୍ୱଚ୍ଛ-କଲ୍ଲୋଳିନୀ, ଉତ୍କଳ ପ୍ରକୃତିର-ଶୋଭାରୂପିଣୀ ଦର୍ପଣ ଚିଲିକା ବର୍ତ୍ତମାନ ଯେଉଁ ଚିଲିକାର ନୀଳଜଳରେ ରଜା ରାଜ ନାବସନ୍ତରଣ କରେ, ସେହି ପରମ ପବିତ୍ର ଚିଲିକାର ଶସ୍ୟ ଶ୍ୟାମଳା-ବେଳାଭୂମିରେ ଶୋଭାର ପ୍ରଚଣ୍ଡ-ରୂପଧାରୀ ରମ୍ଭା ସହର ଅବସ୍ଥିତ । ଯେଉଁ ରମ୍ଭା ସହରର ଦ୍ୱିପାର୍ଶ୍ୱରେ ପ୍ରକୃତିର ମହାନ ପର୍ବତମାଳ ପାଚୀରପରି ପରିବେଷ୍ଟିତ, ମେଖଳାରୂପୀ ପର୍ବତମାଳା ରମ୍ଭାର ଶୋଭାଶ୍ରୀ ବୃଦ୍ଧି କରେ । ପୂର୍ବକାଳରେ ଏହି ରମ୍ଭାର ଚିଲିକାତଟର ଲକ୍ଷ୍ମୀଙ୍କର ନିତ୍ୟ'ସ୍ଥଳୀ-ରୂପେ 'ରମ୍ଭାପେଣ୍ଠ' ନାମରେ ଯାହା ଉତ୍କଳରେ ଚହଳ ସୃଷ୍ଟି କରିଥିଲା । ଆଜି କିନ୍ତୁ ସେହି ଗୌରବ ନାହିଁ, ରହିଅଛି ସ୍ମୃତିମାତ୍ର ।

ରମ୍ଭା ଏବେ ସୁପ୍ରସିଦ୍ଧ ହେଲେ ମଧ୍ୟ କୌଣସି ଐତିହାସିକ ଉତ୍କଳ ଇତିହାସରେ ରମ୍ଭାର ନାମ ସ୍ମରଣ କରି ନାହାନ୍ତି, ଯାହାକି ଉତ୍କଳଗଠନର ପ୍ରଥମ ପିଠସ୍ଥଳବୋଲି ପ୍ରମାଣ ମିଳେ, ୧୯୦୩ ଖ୍ରୀଷ୍ଟାବ୍ଦରେ ଖଲ୍ଲିକୋଟର ରାଜା ହରିହର ମର୍ଦ୍ଦରାଜ ରମ୍ଭାସ୍ଥିତ ରାଜଉଆସରେ ଉତ୍କଳର କର୍ଣ୍ଣଧାରମାନଙ୍କୁ ଆମନ୍ତ୍ରଣ କରି ଉତ୍କଳ ସମ୍ମିଳନୀର ସୂତ୍ରପାତ କରିଥିଲେ । ରାଜା ହରିହରଙ୍କର ନେତୃତ୍ୱରେ ଓ ଉତ୍କଳର- କର୍ଣ୍ଣଧାର ମାନଙ୍କର ଅସୀମ ପ୍ରଚେଷ୍ଟାରେ ୧୯୦୩ ଖ୍ରୀଷ୍ଟାବ୍ଦରେ ଏହି ରମ୍ଭା ପ୍ରାସାଦରୁ ଜନ୍ମନେଲା ଉତ୍କଳ - ସମ୍ମିଳନୀ, ଏହା ଯଥାର୍ଥରେ ସତ୍ୟ । କିନ୍ତୁ ଆଜି ଏହି-ରମ୍ଭା ଇତିହାସ କୌଣସି ଇତିହାସ-ପୃଷ୍ଠାରେ ପାଇବା ଦରକାର ।

Digitized by PPRACHIN, SOA

—ଃ ମର୍ତ୍ତ୍ୟ ରମ୍ଭା ଃ—

ରୂପଧନ୍ୟା ରମ୍ଭା-ସହରର କୌଣସି ସ୍ଥଳରେ ବା କୌଣସି-ପ୍ରାଚୀନ ବହିରେ ରମ୍ଭାର ନାମକରଣ ଜଣାଯିବା କଷ୍ଟକର ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । କେତେକଙ୍କ ମତରେ ରମ୍ଭାରେ ପୂର୍ବେ କଦଳୀ ବନ ଥିଲା, ତେଣୁ ଏହି ଗ୍ରାମର ନାମ 'ରମ୍ଭା' ବୋଲି ନାମଧାରଣ କରିଛି । ଅନ୍ୟ କେତେକଙ୍କ ମତରେ ଏହି ରମ୍ଭା ନିକଟର ଚିଲିକାରେ ପୂର୍ବକାଳରେ ରତି-ଦେବୀ ବାସକରୁଥିଲେ,ରତିଙ୍କର ରୂପ-ଅନୁରୂପରେ ଏହିସ୍ଥାନକୁ ରମ୍ଭାବୋଲି ନାମ ଦିଆଗଲା । ଏହିମତ ଯଥାର୍ଥରେ ମିଥ୍ୟା, କାରଣ ଯଦିବା ଚିଲିକାରେ ରତିବାସ କରୁଥିଲେ ତେବେ ତାଙ୍କ ନାମାନୁସାରେ ଏହାର ନାମ ରତି ବୋଲି ଖ୍ୟାତ ହୋଇଥାନ୍ତା, ରମ୍ଭା କିପରି ହେଲା, ତେଣୁ ଏହିମତର ସତ୍ୟାସତ୍ୟ ପ୍ରମାଣିତ ହେଉନାହିଁ ।

ଏହିପରି ସ୍ଥଳରେ ବହୁତଙ୍କର ମତ ଶୁଣିବାର ପରିସର ମଧ୍ୟରେ ରମ୍ଭାର ଐତିହ୍ୟ କୁହାଯାଇ ନାହିଁ; ତେଣୁ ରମ୍ଭାର ଇତିହାସ ଖୋଜିବା କ୍ଲେଶପୂର୍ଣ୍ଣ । ରମ୍ଭାର ପୂର୍ବ ଇତିହାସ ଲିପିବଦ୍ଧ ନହେଲେ ମଧ୍ୟ ଲିପିବଦ୍ଧ ଖବର ଜଣାପଡ଼େ, କାରଣ ଆଜକୁ ପ୍ରାୟ ୫୦୦ ବର୍ଷ ତଳେ ରମ୍ଭାର ନିକଟରେ ଚିଲିକାର ତଟଦେଶରେ ନଢଘର ନାମରେ ଏକ ପର୍ବତ ଅରଣ୍ୟ ରୂପରେ ପରିଣତ ଥିଲା । ପରବର୍ତ୍ତୀ କାଳରେ ଏହି ପର୍ବତରେ ଏକ ସୁଦୀର୍ଘ ଦୁର୍ଗ ଥିବାର ଜଣାଯାଏ । ଦୂରରୁ ଦୃଷ୍ଟିପାତ କଲେ ଜଣାଯାଏ । ପର୍ବତ ବିସ୍ତାର ଏବଂ ଲମ୍ବ, ପର୍ବତରେ ମଧୁଜଳ ପ୍ରସାରିତ । କଥିତଅଛି ଯେଉଁ ନଢକେଶ୍ୱର ନଢଘର ପର୍ବତ ମଧ୍ୟରେ ମହାରାଜ ବାସକରୁଥିଲେ ସେହି ନଢକେଶ୍ୱର ମହାରଥୀଙ୍କର ରାଜପ୍ରସାଦପର୍ବତର ଉପରିଭାଗରେ ଅବସ୍ଥିତ ଥିଲା । ଲୋକଙ୍କ କହିବା ଅନୁସାରେ ଅନୁସନ୍ଧାନକଲେ ଏହି ତଥ୍ୟର ସତ୍ୟାସତ୍ୟ ମିଳେ, କାରଣ ସେହି ନଢଘର ପର୍ବତର ମଧ୍ୟସ୍ଥାନରେ ରାଜଦୁର୍ଗର ଧ୍ୱଂସାବଶେଷ ଅଦ୍ୟାବଧି ରହିଅଛି । ଦୁର୍ଗଟି କଳାତ୍ମକ

Digitized by PPRACHIN, SOA

—ଃ ମର୍ତ୍ତ୍ୟ ରମ୍ଭା ଃ—

ବଧିରେ ନିର୍ମିତପର ଜଣାପଡେ । ତତ୍ପାର୍ଶ୍ୱର ପ୍ରାଚୀରର ଧ୍ୱଂସାବଶେଷମାନ ନିରୀକ୍ଷଣ କଲେ ଏହା ସୁନ୍ଦର ଏକ ରାଜ ପ୍ରାସାଦ ବୋଲି ଜଣାପଡେ, ତେଣୁ ଏହି ନ[illegible]ଇ ପର୍ବତରେ ରାଜା ନନ୍ଦକେଶ୍ୱର ବାସକରିବା ପ୍ରମାଣିତ । ଉତ୍କଳ ଇତିହାସ ପାଠକଲେ ଜଣାପଡେ ଏହିସ୍ଥାନରେ ଜଣେ ବଳିଷ୍ଠ ରାଜା ଶାସନ କରୁଥିଲେ । ଉତ୍କଳ ଇତିହାସ ମତରେ ସେହି ବଳିଷ୍ଠ ରାଜା ପୁରୀ ଗଜପତିଙ୍କ ଠାରୁ 'ମହାବକ୍ଷମୀ' ଉପାଧି ଅର୍ଜନ କରିଥିଲେ । ସେହି ଐତିହ୍ୟ ଅନୁସାରେ ହୁଏତ ରାଜା ନନ୍ଦକେଶ୍ୱର କିମ୍ବା ତାଙ୍କ ପୂର୍ବପୁରୁଷ ହୋଇଥିବେ ବୋଲି ଜଣାଯାଏ ।

ପୁରାକାଳରେ ରମ୍ଭା ଏହି ବନରେ ଥିବାର ସତ କିନ୍ତୁ କଦଳୀଉଦ୍ୟାନରୁ ରମ୍ଭାର ନାମ କରଣ ସତ୍ୟପର ଜଣାପଡେ ନାହିଁ, କାରଣ ଏହି ସ୍ଥାନରେ କେବଳ କଦଳୀ ତରୁ ନଥିଲା । ପ୍ରତ୍ୟେକ ତରୁରେ ପୂର୍ଣ୍ଣରୂପ ଧାରଣକରି ଅରଣ୍ୟାଞ୍ଚଳର ପରିଣତ ଥିଲା ତେଣୁ ରମ୍ଭାର ପ୍ରକୃତ ତଥ୍ୟ ଏହା ନାହିଁ । ରାଜା ନନ୍ଦକେଶ୍ୱର ଶାସନ କରୁଥିବା ସମୟରେ ତାଙ୍କଦ୍ୱାରା ଏହି ରମ୍ଭାସହର ସ୍ଥାପିତ ହୋଇଥିବା ଜଣାପଡେ । ରମ୍ଭାର ପ୍ରଥମ - କଳେବର ସୁନ୍ଦର-ଅରଣ୍ୟ । ପୌରାଣିକ ମତରେ ଇନ୍ଦ୍ରଙ୍କ ଆଦେଶରେ ଅପ୍ସରା ରମ୍ଭା ବିଶ୍ୱାମିତ୍ରଙ୍କର ତପସ୍ୟା ଭଙ୍ଗ କରିବାକୁ ମର୍ତ୍ତ୍ୟ ଲୋକକୁ ଆସି ଏହି ଅରଣ୍ୟରେ ବାସକରୁଥିଲା । ଏହି ତଥ୍ୟାବଳୀ ରାଜା ନନ୍ଦକେଶ୍ୱର ନିଜକନ୍ୟା ମୁଖରୁ ଶୁଣି ଏହି ସ୍ଥାନରେ ପ୍ରଜାଙ୍କୁ ସ୍ଥାପନ କରି, ଅପ୍ସରା ରମ୍ଭାର ସ୍ମୃତି ରକ୍ଷା କରିବାପାଇଁ ଏହି ଗ୍ରାମକୁ ମର୍ତ୍ତ୍ୟରମ୍ଭା ବୋଲି ନାମ ଦେଇଥିଲେ । ଏହି ତଥ୍ୟାବଳୀ ସତ୍ୟପର ଜଣାପଡେ, କାରଣ ପୌରାଣିକ ମତରେ ଅପ୍ସରା ରମ୍ଭା ମର୍ତ୍ତ୍ୟ–ଲୋକକୁ ପୁନଃ ପୁନଃ ଆସିବାର ବର୍ଣ୍ଣିତ ଏବଂ ରାଜା ନନ୍ଦକେଶ୍ୱର ବାସକରିବା ଯଥାର୍ଥରେ ସତ୍ୟ, ତେଣୁ ଆମେ ଏହି ମତ ଗ୍ରହଣ କରିବା ସମୀଚୀନ ହେବ ।

Digitized by PPRACHIN, SOA

—ଃ ମର୍ତ୍ତ୍ୟ ରମ୍ଭା ଃ—

କେତେ ବର୍ଷ ଗଲାପରେ ନନ୍ଦକେଶ୍ୱର ବଂଶର ପତନ ଘଟିଛି ସ୍ୱଜାଙ୍କ ପ୍ରକୃତ ମର୍ତ୍ତ୍ୟରମ୍ଭା ନାମକୁ ଲୋକେ 'ରମ୍ଭା'ରେ ପରିଣତ କରନ୍ତ [illegible] ତାର ପରବର୍ତ୍ତୀ କାଳରେ ଏହି ରମ୍ଭା ଶାସନ କରନ୍ତନ୍ତି ବହୁଳର ପର[illegible] ରାଜା ମାନେ । ଏହି ଇତିହାସକୁ ଭିତ୍ତିକରି ମୋର ମର୍ତ୍ତ୍ୟରମ୍ଭା କାବ୍ୟ ରଚିତ । କାବ୍ୟଟିକୁ ସଂପୂର୍ଣ୍ଣ ପାଠକଲେ ରମ୍ଭାର ରୂପରେଖ ସୁଏତ ଜାଣିହେବ । ଯେଉଁ ରମ୍ଭାର ଇତିହାସ ଶତାଧିକ ବର୍ଷବ୍ୟାପକ; ତାହା ଜାଣିବା ମୋ ପରି ଅଜ୍ଞାନ – ପକ୍ଷରେ ବହୁ କଷ୍ଟକର । ମର୍ତ୍ତ୍ୟରମ୍ଭା କାବ୍ୟଟିକୁ ଏକ ଧାରାରେ ଇତିହାସ ଅନ୍ୟାଦରରେ ପ୍ରକୃତ ନୃତ୍ୟକରେ । ପ୍ରକୃତିର-ଶୋଭାକୁ ବିଚାର କରିବାରେ ରମ୍ଭାର ପ୍ରକୃତ ମୋତେ ମୁଗ୍ଧ-କରିଛି । ତେଣୁ ଇତିହାସ ମୂଳକ କାବ୍ୟରେ ମୁଁ ରମ୍ଭାର ପ୍ରାକୃତିକରୂପ ବର୍ଣ୍ଣନା କରିଅଛି । ପ୍ରକୃତି ଶୋଭାର ଅପୂର୍ବସାଗର ରମ୍ଭା, ସେହି ଅପାର ଶୋଭାସାଗରରୁ ମୁଁ ବିନ୍ଦୁମାତ୍ର ବର୍ଣ୍ଣନା କରିଛି ।

ମହାରାଜ ନନ୍ଦକେଶ୍ୱରଙ୍କ ନାମାନୁସାରେ ଏହି କାବ୍ୟର ନାମ ମର୍ତ୍ତ୍ୟରମ୍ଭା । ଇତିହାସ ମୂଳକ କାବ୍ୟକୁ ସର ସଗିଣୀ ହାର ଲେଖିବାର ଗୁରୁତ୍ୱ ନାହିଁ । ତେଣୁ ଘଟାଡ଼ମ୍ବରରେ ସମବେଶ ବୃତ୍ତିରେ ମୁଁ କାବ୍ୟଟିକୁ ଲେଖିବାକୁ ଆଗ୍ରହୀହେଲି । ଇତିହାସର ପୂର୍ଣ୍ଣରୂପରେଖ ନାହିଁ ; କାରଣ ଯଦବା ଇତିହାସକୁ ପ୍ରସାରିତ କରଯାଏ ବା ପୂର୍ଣ୍ଣରୂପରେଖ ଦିଆଯାଏ, ତେବେ ରମ୍ଭାର ଇତିହାସରେ ଏହି କାବ୍ୟର କଳେବର ବୃହତ୍‌ରୂପଧାରଣ କରିବ, ତେଣୁ ସରଳ, ସାବଲୀଳ ଶୀର୍ଣ୍ଣଶୀର ଭାବରେ ଏହାକୁ ରଚନାକଲି ।

Digitized by PPRACHIN, SOA

—ଃ ମର୍ତ୍ତ୍ୟ ରମ୍ଭା ଃ—

ଏହି କାବ୍ୟଟିର ପାଣ୍ଡୁଲିପି ପାଠକରି ମୋତେ ପ୍ରେରଣା ଓ ଆଗ୍ରହ ପ୍ରଦାନ କରିବା ବ୍ୟକ୍ତିମାନେ ହେଲେ—

୧) ଶ୍ରୀ ମକର ଧ୍ୱଜ ହୋତା କଲ୍ଲାପାଳ(ଗଞ୍ଜାମ)
୨) କବିରାଜ ଶ୍ରୀ ରାମକୃଷ୍ଣ ଦାଶ ଶର୍ମା ରମ୍ଭା
୩) ଶ୍ରୀ ସୁବାସ ଚନ୍ଦ୍ର ପଣ୍ଡା ରମ୍ଭା
୪) ଅଧ୍ୟାପକ ଶ୍ରୀ ବଜସ୍ୱାନନ୍ଦ ମହାପାତ୍ର ରମ୍ଭା
୫) ଶ୍ରୀ ସୁଧୀର ଚନ୍ଦ୍ର ପଟ୍ଟନାୟକ ରମ୍ଭା
୬) ଶ୍ରୀ ସତ୍ୟନାରାୟଣ ରଥ ଭବାନୀପାଟଣା
୭) ଶ୍ରୀ ପ୍ରକାଶ ଚନ୍ଦ୍ର ହୋତା ରମ୍ଭା
୮) ଶ୍ରୀ ପ୍ରଦୀପ କୁମାର ପଣ୍ଡା ରମ୍ଭା

କଲ୍ଲାପାଳ ମହୋଦୟ ଓ ସୁବାସଚନ୍ଦ୍ର ପଣ୍ଡା ଏହି କାବ୍ୟପାଠ କରି ଆଗ୍ରହର ସହ ଅନୁମତି ପ୍ରଦାନ କରିଛନ୍ତି, ତେଣୁ ଦୁଇ ମହାଶୟଙ୍କ ନିକଟରେ ମୁଁ ଚିର କୃତଜ୍ଞ । ପାଠକ ଓ ପାଠିକା ମାନେ ମୋର ଅନୁରୋଧ ରକ୍ଷାକରି ଯଦି ତ୍ରୁଟିଥାଏ କ୍ଷମାକରିବେ । ପାଠକ ପାଠିକା ମାନଙ୍କ ପ୍ରେରଣାହିଁ ମୋର ଶିରୋଧାର୍ଯ୍ୟ ।

ବିନୀତ
ଶ୍ରୀ ଜଗନ୍ନାଥ ଦାଶ

Digitized by PPRACHIN, SOA

ମର୍ତ୍ତ୍ୟ ରମ୍ଭା

କହ କହ ମୋତେ ଭାରତୀ
ମର୍ତ୍ତ୍ୟରମ୍ଭା-ଚରିତ
ଶୁଣି ତବ ମୁଖୁ ବାଣୀଗୋ
ହୋଇବ ମୁଁ ପବିତ୍ର (୧
ଜନ୍ମେ ଜନ୍ମେ ତୋର ଚରଣ-
କମଳରେ ଶରଣ
କମଳାସନୀ ତୁ ବରଦେ
ହୁଅ ମୋରେ ପ୍ରସନ୍ନ (୨
ଚଳୁ ମୋ ଲେଖନୀ ମାତାଗୋ
ତୋର-କରୁଣା ବଳେ
ବର୍ଣ୍ଣିବ ମୁଁ ରମା-ରୂପ-ଶ୍ରୀ
ଇତିହାସ ଛବଳେ (୩
ପ୍ରକୃତି-ବିମଳ ଯାବନ୍ତ
ତା'ର ଐତିହ ଗୁଣ
ଠିକେ ଠିକେ କରେ ବର୍ଣ୍ଣନା
ଶୁଣ ଧୀରେନ୍ଦ୍ର ଗଣ (୪
ଉତ୍କଳର ଶୋଭା-ପସରା
ଚିଲୁକା ଚିଲକା-ତୀରେ
ଥିଲେ ନନ୍ଦନାମେ ରାଜନ
ନନ୍ଦଘର-ଗିରିରେ (୫

Digitized by PPRACHIN, SOA

ପରାକ୍ରମେ ଯଥା କେଶରୀ
ତଥା ନରେନ୍ଦ୍ରବର
ଗୁଣେ ଗୁଣୋତ୍ତମ-ରାଜନ
ରୂପେ ଅତି ସୁନ୍ଦର (୬
ତାଙ୍କନାମେ ତାଙ୍କ ପ୍ରାସାଦ
ନନ୍ଦଘର ନାମରେ
ନାମିତ ହୋଇଣ ବିଖ୍ୟାତ
ଥିଲା ଜନମୁଖରେ (୭
ଗିରି ମଧ୍ୟସ୍ଥଳେ ରାଜନ
ଗଢ଼ିଥିଲେ ପ୍ରାସାଦ
ଘଞ୍ଚ ଅରଣ୍ୟର ମଧ୍ୟରେ
ଦିଶୁଥିଲା ବିଶଦ (୮
ଗଡ଼ ଚଉପାଶେ ବେଷ୍ଟିତ
ଅଳ୍ପ ପ୍ରଜା-ସଦନ
ଆଡ଼ମ୍ବର-ଶୂନ୍ୟ ରାଜନ
କରୁଥିଲେ ପାଳନ (୯
କଳିଙ୍ଗର ଶେଷ ପର୍ଯ୍ୟାନ୍ତେ
ଆବର୍ତ୍ତିବ ନୃପତି
ପାଳୁଥିଲେ ପ୍ରଜାମାନଙ୍କୁ
ଅର୍ପି ମହାପ୍ରୀତି (୧୦

Digitized by PPRACHIN, SOA

ଗୁଣେଧନ୍ୟା କ୍ଷୀଣ-ବସନା
ଚନ୍ଦ୍ରହାସୀ-ଛଇଳା
ନରପତିଙ୍କର ନନ୍ଦନା
ଯାର ନାମ ବିମଳା (୧୧
ପାଇ କନ୍ୟାରୂପେ ନୃମଣି
ସେହ୍ନ ସୁ ସୁଲକ୍ଷଣୀ
ମହା ଆନନ୍ଦରେ ବିହ୍ୱୋର
ନିଜକୁ ଧନ୍ୟମଣି (୧୨
ସଖୀମେଳେ କ୍ରିଡେ ରୂପସୀ
ରମ୍ୟଚିଲିକା-କୂଳେ
ଅପରୂପ ଯାର ସୁଷମା
ଧନ୍ୟ ସୁନ୍ଦରୀକୁଳେ (୧୩
ଦିନେ ସେ ବିମଳା ନନ୍ଦଙ୍କ
ଅତି ପ୍ରିୟ ନନ୍ଦନା
ଖେଳି ଖେଳି ଆସି ଦେଖିଲ୍
ଦୂରେ ମହାସୁଷମା (୧୪
ଚିଲିକାର କୂଳେ ବିରାଜେ
ଦିବ୍ୟ ସୁନ୍ଦର ବନ
କଦାକାଳେ ସର ନୋହିବ
କୁବେର ର ଉଦ୍ୟାନ (୧୫

Digitized by PPRACHIN, SOA

ନବ ପଲ୍ଲବରେ ପାଦପେ
ଲିପ୍ତ ନୀଳିମା ସର
ନୀଳପର୍ଣ୍ଣ-ତନୁ-ମଣ୍ଡିତ
ଯଥା ପ୍ରବାଳଗିରି (୧୬

ଦର୍ଶନେ ସୁନ୍ଦରୀ ସଖୀଙ୍କୁ
ଚାହିଁ ଭାଷିଲି ବାଣୀ
କିସୁନ୍ଦର ସତେ କାନନ
କିବା ଧରଣୀରାଣୀ ! (୧୭

ଦିଗନ୍ତ-ବ୍ୟାପକ-ସୁଷମା-
ବହୁଅଛି ବିପିନ
ସଦା-ବସନ୍ତରେ-ବିହାରୀ
ବହେ ମୃଦୁ ପବନ (୧୮

ଶାଳ ତାଳ ବଟ ଶ୍ରୀଫଳ
ମହା-ଶାଖିନ ମାନେ
ଜୀବନ୍ତ-ମୂରତି-ବହୁଣ
ବିଜେ ଏହି ପ୍ରାଙ୍ଗଣେ (୧୯

ରମ୍ଭା ନାରିକେଳ ରସାଳ
କାଣ୍ଡ ତ୍ରିକାଣ୍ଡ ଧାରୀ
ଲମ୍ବି ରହିବାରୁ ଉଦ୍ୟାନ
ବିକଶାଏ ମାଧୁରୀ (୨୦

Digitized by PPRACHIN, SOA

—ঃ ମଧ୍ୟ ରମ୍ଭା ঃ—

ରକ୍ତ ନୀଳ ପିତ-କୁସୁମେ
ଅରଣ୍ୟାନୀ ଉଜ୍ଜ୍ୱଳେ
ପତନେ ସୁମନ ଧରଣୀ
ଧରିତ୍ରୀ-ବକ୍ଷସ୍ଥଳେ (୨୧
ମତ୍ତକୋକିଳର କାକଳି
ପୁନଃ ପୁନଃ ଉତ୍ପନ୍ନେ
ହଂସେ ବନରୂପୀ ସୁନ୍ଦରୀ
ଚଳିକାର ଦର୍ଶନେ (୨୨
ଦେଖି ନନ୍ଦରାଜ - କୁମାରୀ
ମହା ଆନନ୍ଦଭରେ
ସଖୀମେଳେ ଝୁଲି-ଚଳିଲ୍
ରଦ୍ଧ ପଥ-ପଥରେ (୨୩
ଇନ୍ଦୁମୁଖୀ ବିନ୍ଦୁ ଭୂଷଣା
ଗୃହଭୂଷଣେ ଝଳ
ଆସୁଥିଲ୍ ସତେ କିଶୋରୀ
କିବା ରମ୍ୟମରାଳୀ (୨୪
ପ୍ରବେଶେ ସୁମନା ସ୍ୱାଗତ
କଲେ ଝିଙ୍କାରୀମାନେ
ମୁଖରୂପୀ ଭୃଙ୍ଗୀ-ଝଙ୍କାଇ
ବାଳାମନ - ହରଣେ ୨୫

Digitized by PPRACHIN, SOA

ସେ ନୀଳସୁନ୍ଦର - ପ୍ରାଙ୍ଗଣେ
ଖେଳ ଆସେ ସୁମନା
କବା - ସୌଦାମିନୀ ଆସଇ
ହୋଇ ମର୍ତ୍ତ୍ୟ ଗମନା (୨୬
ନିକଟେ ଦେଖିଲ୍ ବିମଳା
ବନ ସୁଷମା-ରାଶି
ମହା ଆଡ଼ମ୍ବରେ-ମଣ୍ଡିତ
ଶୋଭେ ଦିବସ-ନିଶି (୨୭
ବୁଲି ବୁଲି ମିଳେ ସୁନ୍ଦରୀ
ଅରଣ୍ୟାନୀ ମଧ୍ୟରେ
ଶୁଭେ ଭୟଙ୍କର ନିଦାନ
ବ୍ୟାଘ୍ର-ମୁଖ-ଦର୍ପରେ (୨୮
ମହା-ଭୟପ୍ରଦ ବିପିନେ
ପର୍ଣ୍ଣ ଆଚ୍ଛନ୍ନ ହୋଇ
ରହିଅଛି ଏକ କୁଟିର-
ନାନା ସୁଷମା ବହି (୨୯
ଚଉପାଖେ ଯାର ବିରାଜେ
ସୌମ୍ୟ-ପୁଷ୍ପ ବାଟିକା
ଶୂନ୍ୟ ରହିଅଛି-କୁଟିର
ଯଥା ମୁକ୍ତ - ଝରକା (୩୦

Digitized by PPRACHIN, SOA

ଦର୍ଶନେ ବିସ୍ମିତ-ସୁନ୍ଦରୀ
ସ୍ଥିର କର-ଚରଣ
ଉଭାହେଲ୍ ନୀଳ କୁନ୍ତଳା
ଅପଲକେ-ଗୃହାଁଣ (୩୧
ଅସ୍ତହେଲେ ଏହି ସମୟେ
ବିଶ୍ୱନେତ୍ର-ଭାସ୍କର
ଅସ୍ତକାଳ ଭାନୁକରଣ-
ପାଟେ ଧରାସୁନ୍ଦର (୩୨
ଆରକ୍ତ-କିରଣ-ବନ୍ଧୁଳେ
ପଡ଼ି ଚିଲିକା-ଜଳେ
ରକ୍ତପଦ୍ମ କିବା ବିଲସ୍ତ-
ହେଲ୍ ନୀଳସଲିଳେ (୩୩
ଘଣ୍ଟନିନାଦିନୀ-ମଧ୍ୟରେ
ଘଣ୍ଟଶିଳା-ଶଇଳ
ଅମ୍ବରବ-କରେ ସତେ କି
ରକ୍ତମଣି-ଦେଉଳ (୩୪
ଦେଖିଲ୍ ସୁନ୍ଦରୀ ଚମକି
ଚିଲିକାର-ସୁଷମା
କହିଲ୍ ସଖୀଙ୍କୁ ଉଚ୍ଚଳେ
ଦେଖ ମହାପ୍ରତିମା (୩୫

Digitized by PPRACHIN, SOA

ଗୋପ୍ୟ ହେଲେ ପ୍ରଭୁମିହିର
ଏହି ଅବସରରେ
ଲକ୍ଷ୍ୟବାହୀ ଗୃହୁ-ଖଇଲ
ରକ୍ତବର୍ଣ୍ଣ-ଗହ୍ୱରେ (୩୬
ମୁଖରିତ ହେଲା କାନନ
ପକ୍ଷୀକଳ-ଧ୍ୱନୀରେ
ଦିବା-ଅବସାନେ ସୁନ୍ଦରୀ-
ସନ୍ଧ୍ୟା ବିଜେ ବନରେ (୩୭
ସଖୀ ସମେତରେ ବିଜନ୍ତୁ
ପର୍ଣ୍ଣଶାଳା-ପ୍ରାଙ୍ଗଣେ
ନନ୍ଦଙ୍କ-ନନ୍ଦନୀ-ବିସ୍ମିତ
ବନଶୂନ୍ୟ-ଦର୍ଶନେ (୩୮
ଏକାଳେ ସହାସା ଆସିଲା
ବେଦମନ୍ତ୍ର-ନିନାଦ
ମନ୍ତ୍ରେ ମୁଗ୍‌ଧ ହୋଇ ସୁନ୍ଦରୀ
ସ୍ନେହେଁ ହୋଇ ଗଦ୍‌ଗଦ (୩୯
ବଣା କୃଷ୍ଣସାର-ନୟନା
ଗୃହିଁଲା ଚଉପାଖେ
ଚପଳ କରୁଣ-ଲୋଚନ
କାତରତା ପ୍ରକାଶେ (୪୦

Digitized by PPRACHIN, SOA

ଅଳ୍ପକ୍ଷଣେ ଗୋରୀ ଦେଖିଲା
　　　　ଏକ ଅପୂର୍ବ-କାନ୍ତ
ବୌଦ୍ଧବ୍ରହ୍ମଚାରୀ ଆସନ୍ତ
　　　　କର ଦକ୍ଷିଣୁ-ଗତ　(୪୧

ଲଣ୍ଡିତ ମୁଣ୍ଡରେ ମଣ୍ଡିତ
　　　　ଗୈରିକ ବସନ ଧାରୀ
ହସ୍ତେ କମଣ୍ଡଳୁ ଶୋଭିତ
　　　　ତାମ୍ରଧାତୁର ଶିର　(୪୨

ତାମ୍ରବର୍ଣ୍ଣକାନ୍ତି-ଉଜ୍ଜ୍ୱଳେ
　　　　ପାଦେ କାଷ୍ଠପାଦୁକା
ଦେଖି ନନ୍ଦରାଜ-ନନ୍ଦନୀ
　　　　କ୍ଷଣେ ହେଲା ତାଟକା (୪୩

ନିକଟ ହୁଅନ୍ତେ ତାପସ
　　　　ଭକ୍ତିଭରେ ଶୋଭନା
ସଖୀସହ ଋଷିଚରଣେ
　　　　କଲା ସ୍ନେହେ ବନ୍ଦନା (୪୪

ଯୁକ୍ତହସ୍ତେ ଉଭା ବରାଙ୍ଗୀ
　　　　ସାରି ଚରଣ ସେବା
ଭେଦକର ଆଗେ କି ଅବା
　　　　ସ୍ୱର୍ଗ ରୂପସୀ-ରମ୍ଭା　(୪୫

Digitized by PPRACHIN, SOA

କହିଲ୍ ତାପସେ ବିମଳା
ନିଜ ଚରଣାବଳୀ
ହେ ମହାତ୍ମା ମୁଁହିଁ ଅଟଇ
ନନ୍ଦ ରାଜ-ଦୁଲାଲୀ (୪୬
କହନ୍ତି କହନ୍ତି ମହାତ୍ମା
ମୋର ଦୟାର୍ଦ୍ର ହୋଇ
ଶୂନ୍ୟ କାହିଁ ପାଇଁ ଏ କୁଟି
ପୂର୍ବେ ଥିଲ ତହିଁ (୪୭
ଶୁଣି ତବ ମୁଖୁ ଯତି ହେ
ହେବ ଉଷତ ମନା
ନକର ନିରାଶ ତାପସ
କର ନାହିଁ ହେ ମନା (୪୮
ଶ୍ରବଣେ କୁମାରୀ-ବଚନ
ବୌଦ୍ଧ ଭିକ୍ଷୁ-ମଣ୍ଡନ
କ୍ଷଣପରେ ପୁଣି କହନ୍ତି
ଶୁଣ ଆମ୍ଭ ବଚନ (୪୯
ଇନ୍ଦ୍ର ଆଦେଶରେ ନାଗରୀ-
ଗଣରୁ ମୁକୁଟ ହୀରା
ବିଶ୍ୱାମିତ୍ର-ବଶ କାରଣେ
ରମ୍ଭା ନାମେ ଅପ୍ସରା (୫୦

Digitized by PPRACHIN, SOA

ନିଜ ସଖୀସହ ଏସ୍ଥଳେ
କରୁଥିଲା-ବସତି
ଦେଖ ଆଗୋ ଭଦ୍ରେ, ରହୁଛି
ଆଜ ଯାଏ ତା କୀର୍ତ୍ତି (୫୧

ଗୁଲି ଗୁଲି ବନ୍ଧୁ ଅଞ୍ଚଳ
ଦେଖି ସୁରମ୍ୟସ୍ଥଳ
କିଛି କାଳ ଏଥେ ରହିଲା
ରମ୍ଭା ହୋଇ ବହୁଳ (୫୨

ପୁରିବାରୁ ତାର କାମନା
କିଛି ଦିନ ଅନ୍ତରେ
ଛାଡ଼ି ଏହିବନ ସୁନ୍ଦରୀ-
ଗଲା ସୁରଲୋକରେ (୫୩

ରହିଅଛି ତାର ନିର୍ମିତ
ଏହି ପଲ୍ଲବ ଗୃହ
ଦେଖ ଆଗୋ ରାଜନନ୍ଦିନୀ
କରେ ଜଗତ ମୋହ (୫୪

ଶୁଣିଲେ ଏବେ ସୁନ୍ଦରୀ
ପୂର୍ବ କୀର୍ତ୍ତି ଏହାର
ବଢାଇ ବଢାଇ ଚିହ୍ନଣ-
ତପୀ ହେଲେ ଅନ୍ତର (୫୫

Digitized by PPRACHIN, SOA

ତାପସ ଗୋପନେ ବିମଳା
ସଖୀ ସମେତେ ଗଲା
ନିଜ ଉଆସରେ ପ୍ରବେଶି
ପିତା ଆଗେ କହିଲା (୫୬

କନ୍ୟାମୁଖୁଁ ଶୁଣି ରାଜନ
ଅର୍ଦ୍ଧମୃତ-କାହାଣୀ
ମହା ଆନନ୍ଦରେ କନ୍ୟାକୁ
ଧନ୍ୟ ଧନ୍ୟ ବଖାଣି (୫୭

ପରଦିନ ଆସି ନୃପତି
ପରମ ବିପିନରେ
ଭ୍ରମି ଭ୍ରମି ମୁଗ୍ଧ ହୋଇଲେ
କନ୍ୟା-ବାଣୀ-ପ୍ରକାରେ (୫୮

ଅନନ୍ତ ସୁଷମା ସ୍ଥାନରେ
ଦେଖି ରମ୍ଭାକୁଟିର
ମର୍ତ୍ତ୍ୟରମ୍ଭା-ବାଣୀ ନୃପଙ୍କ
ମୁଖୁଁ ହେଲା ବାହାର (୫୯

ପ୍ରଜାକୁଳେ ଗୃହିଁ କହନ୍ତି
ନନ୍ଦଘର-ନୃପତି
ସ୍ୱର୍ଗେ'ଅଛି ଏକ ରମ୍ଭା ଯେ
ଏଠି ମର୍ତ୍ତ୍ୟ-ବିଭୂତି (୬୦

Digitized by PPRACHIN, SOA

—ː ମର୍ତ୍ତ୍ୟ ରମ୍ଭା ː—

ସ୍ୱର୍ଗେ ରମ୍ଭା ସେହି ସୁନ୍ଦରୀ
ଏତ ମର୍ତ୍ତ୍ୟର ରମ୍ଭା
ରମ୍ଭା ଅନୁରୂପେ ସୁନ୍ଦର
ଶୋଭାପଣେ ପ୍ରଲମ୍ଭା (୭୧
ମର୍ତ୍ତ୍ୟରମ୍ଭା ବୋଲି ଏହାକୁ
ଦେଉଅଛୁ ମୁଁ ନାମ
କାଳକ୍ରମେ ହେବ ଏ ବନ
ଜନଙ୍କ ବାସସ୍ଥାନ (୭୨
ଏହାକହି ରାଜାନିର୍ମାଣ
କଲେ ପ୍ରଜା ଭବନ
ପ୍ରଜାଙ୍କୁ ରଖାଇ କହନ୍ତି
ମଧୁ ମଧୁ-ବଚନ (୭୩
ଉତ୍କଳ ମଣ୍ଡଳେ ହେବ ଏ
ମହା ପବିତ୍ର ସ୍ଥଳ
ଆସି ବହୁବଙ୍କ ପଣ୍ଡିତ
ଏତ୍ଥ ହୋଇବେ ଠୁଳ (୭୪
ଏହା କହି ଗଲେ ନରେନ୍ଦ୍ର
ନିଜ ଦିଆଡେ ଚଳି
ଦିନେ ଦିନେ ପରି ଅସନ୍ତି
ପ୍ରଜାଙ୍କର ଖଙ୍ଗାଳି (୭୫

Digitized by PPRACHIN, SOA

ଦିନପରେ ଦିନ ଏପରି
ବର୍ଷପରେ ବରଷ
ଗତ କରିବାରେ ଲାଗିଲା
ହୋଇ ଅତି ସରସ (୬୬
ନ ରହେଁ ସମସ୍ତ କାହାକୁ
ସେହି ମହା ବଳଷ୍ଠ
ନଶନ୍ତେ ଦେବତା ତାପସ
ନ ଜାଣଇ ସେ ଇଷ୍ଟ (୬୭
କାଳବଳେ ନନ୍ଦ ନରେଶ
ହେଲେ କାଳ ଆୟତ୍ତ
ଧୀରେ ଧୀରେ ସ୍ଥିର ହୋଇଲା-
ତାଙ୍କ ବଂଶ-ମରୁତ (୬୮
ଜନଶୂନ୍ୟ ରାଜ ପ୍ରସାଦ
ନନ୍ଦଘର-ଉପରେ
କ୍ରମେ କ୍ରମେ ଲୋପ ହୋଇଲା
ଯତ୍ନ ଶୂନ୍ୟ ହେବାରେ (୬୯
ଗଲେ ସିନା ନନ୍ଦ ନରେନ୍ଦ୍ର-
ତାଙ୍କ ସ୍ଥାପିତ ସ୍ଥାନ
ଦେଖୁ ଦେଖୁ ଆସେ ବକଣି
ଯଥା ଦଣ୍ଡା କରଣ (୭୦

Digitized by PPRACHIN, SOA

—ଃ ମର୍ତ୍ତ୍ୟ ରମ୍ଭା ଃ—

କାଳେ ମର୍ତ୍ତ୍ୟରମ୍ଭା ନାମକୁ
ଅପଭ୍ରଂଶ କରଣ
ରମ୍ଭା ରମ୍ଭା ବୋଲି ପ୍ରଜାଏ
କରିଲେକ ଗାୟନ (୭୧
ଦିନୁ ଦିନୁ ହେଲା ସୁନ୍ଦର
ଏହି ରମ୍ଭା ନଗର
ସ୍ୱର୍ଗେ ଯଥା ରମ୍ଭା ସୁନ୍ଦରୀ
ମର୍ତ୍ତ୍ୟେ ରମ୍ଭା-ରୁଚିର (୭୨
ବେଳୁ ବେଳୁ ହେଲା ବିସ୍ତାର
ଏହି ରମ୍ଭା-ବସନ୍ତ
ରମ୍ଭା ଯଶେ ମହାଗୌରବ
ଲଭେ ଉତ୍କଳେ କ୍ଷିତି (୭୩
ନନ୍ଦବଂଶ ଧ୍ୱଂସେ ଏରମ୍ଭା
ଅରାଜକ ହୋଇଣ
ଲୋଡ଼ୁଥିଲା ସତେ ନଗରୀ
ଏକ ଦକ୍ଷ-ରାଜନ (୭୪
ଭାଗ୍ୟବଳେ ଦିନେ ପଶ୍ଚିମ-
ଉତ୍କଳ ନରବର
ପାରିଧିରେ ବନେ ହୋଇଣ
ହେଲେ ଏଥେ ହାଜର (୭୫

Digitized by PPRACHIN, SOA

ପୂର୍ବେ ବିମଣ୍ଡିତ-ଧରଣୀ
ମହା ବାହୁକ ସ୍ଥାନ
ଦେଖି ନରବର ଅଶ୍ୱରୁ-
କଲେ ଅବତରଣ (୭୬
ପଦଗାମୀ ହୋଇ ଦେଖିଲେ
ଅଳ୍ପ ଦୂରେ-ନଗରୀ
କ୍ଷୁଦ୍ର ହେଲେ ମଧ୍ୟ ବିକଶେ
ରତ୍ନେ ମାଣିକ୍ୟ ପରି (୭୭
ମହାବୀରବର-ସ୍ୱଜନ
ମନେ ମନେ ଚିନ୍ତଣ
କିଛୁକାଳ ଆସି ଏଠାରେ
କଲେ ରାଜ୍ୟ ଶାସନ (୭୮
ଧନୁର୍ଦ୍ଧାରୀ ବୀରକେଶରୀ
ରମ୍ଭା-ମଧ୍ୟ-ବିଧାତା
ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ
ପୂର୍ବ ବଂଶ-କରତା (୭୯
ସ୍ଥାପିଲେ ପାଷାଣ ନବର
ଚିଲ୍କୁ-ରଂଭା - ନିକଟେ
ବୀରୁଳ ନାମରେ ଯେ ଦୁର୍ଗ
ବୀରପଣେ-ପ୍ରକଟେ (୮୦

Digitized by PPRACHIN, SOA

ସପ୍ତଶୃଙ୍ଗ ଗୁରୁ ଶୈଳ
ଲଗ୍ନେ ପାଷାଣଦୁର୍ଗ
ଗ୍ରୃବୂ-ଶରୀଲରେ ବସିକେ
ଯଥା ଅମ୍ବରେ ସ୍ୱର୍ଗ (୮୧
ବେଷ୍ଟିତ ନବୀଡ଼-ଅରଣ୍ୟ
ସପ୍ତଶୃଙ୍ଗ-ସୀମାରେ
ଅଶ୍ୱସ୍ତିମା-ଗୁମ୍ଫାରହିଛି
ଅଦ୍ୟାବଧି ସେଠାରେ (୮୨
ବୃଦ୍ଧମୁଖୁ ଶୁଣେ ପୂର୍ବରେ
ଦ୍ରୋଣାଚାର୍ଯ୍ୟ-ନନ୍ଦନ
ସେ ମହାବନରେ କେତେକ
ଦିନଥିଲେ ରହିଣ (୮୩
ତାଙ୍କବରେ ମହାବଳିଷ୍ଠ
ଧରିବଲ୍କଳ ବୀର
ବଲ୍କଳ-କାଣ୍ଡର-ମହିମା
ଦିଗେ ଦିଗେ-ପ୍ରଚାର (୮୪
ହରହର ମହାରଥୀଙ୍କ
ସପ୍ତକୋଷ-ପ୍ରାଙ୍ଗଣ
ବୀଚୁଳି ରୂପରେ ବନ୍ଦିତ
ମହା ଭକ୍ତର ସ୍ଥାନ (୮୫

Digitized by PPRACHIN, SOA

କ୍ରମେ କ୍ରମେ ରାଜବଂଶର-
ଭଇଁ ଚନ୍ଦ୍ରମା ଗଣ
ରମ୍ଭାରେ ବିଶାଳ କୀରତି
କଲେ କ୍ରମେ ସ୍ଥାପନ (୮୬

କୀରୁଳର ମହା ମହିମା
ଜଗନ୍ନାଥ-ରୂପରେ
ରମ୍ଭା-ବକ୍ଷ-ସ୍ଥଳେ ବିଜସ୍ଥ
ସୁଧାଲିପ୍ତ-ମନ୍ଦରେ (୮୭

ବୀରୁଳର ଇଷ୍ଟଦେବତୀ-
ରକ୍ତବୀଜ-ନାଶିନୀ
ପୂର୍ବରେ ଚାମୁଣ୍ଡା ଉତ୍ତରେ
ବାସକଟରେ ଭବାନୀ (୮୮

ରାଜ୍ୟସ୍ଥାପନାରେ ଅନେକ
ଦେବ ବିଗ୍ରହମାନେ
ସୁନ୍ଦର-ସଦନେ ରମ୍ଭାରେ
ବିଜେ ପ୍ରଜା-କଲ୍ୟାଣେ (୮୯

ଦିନୁ ଦିନ ଜନ ବୃଦ୍ଧିରେ
ଯଶ ହେଲା ଉନ୍ନତ
ପାଳନ୍ତ ରାଜନ ସଙ୍ଗତେ
ରମ୍ଭା ସୁରମ୍ୟ କ୍ଷୀତ (୯୦

Digitized by PPRACHIN, SOA

ବୀରୁଳର-କର୍ତ୍ତି ଚନ୍ଦ୍ରମା-
ବୀରପଟଣେ ଶାର୍ଦ୍ଦୁଳ
ବନାମୃକଶୂର ନରେନ୍ଦ୍ର-
କର୍ତ୍ତି ଅତି ଉଜ୍ଜ୍ୱଳ (୯୧
ବନାମୃକପୁର-ଶାସନ
କରଥିଲେ ସ୍ଥାପନ
ରେଲଧାରଣାର ପଶ୍ଚିମେ
କୋଲରମ୍ଭା ଡାନାମ (୯୨
ସେ କୋଳବଣରୁ କ୍ରମସେ
ଆସି ବ୍ରାହ୍ମଣମାନେ
ରମ୍ଭା ମଧ୍ୟେ ବାସ କରିଲେ
ଜନହିତ-କାରଣେ (୯୩
ପ୍ରସାରିତ ହେଲା ନଗରୀ-
ନାନା ସରଞ୍ଜାମରେ
ମେଢ଼ ଉପବନ ଅଟ୍ଟାଳୀ
ରମ୍ୟ-ସରୋବରରେ (୯୪
ଇଂରେଜୀ ଶାସନ ଆସିଲା
କ୍ରମେ କ୍ରମେ ବ୍ୟାପିଣ
ଘୋଟିଲା ଉତ୍କଳ-ବଳୟେ
ଯଥା ଆକାଶେ ଘନ (୯୫

Digitized by PPRACHIN, SOA

ଲର୍ଡ ସ୍ନୃଡ଼ଗ୍ରାସ୍ - ନାମରେ
ଇଂରେଜୀ କର୍ମଚାରୀ
ଥିଲେ ଏ ଦକ୍ଷିଣଉତ୍କଳ
କର ଆଦାୟକାରୀ (୯୬
ପଡ଼ିଗଲା ତାଙ୍କ-ନେତ୍ରରେ
ରମ୍ଭାଞ୍ଚଳ- କାନ୍ତ
ଅପରୂପ ଚାରୁ-ଚିଲିକା-
ଦର୍ଶାଇଲା ଅଦ୍ଭୁତ (୯୭
ପ୍ରକୃତିଶୋଭାର ଛବିରେ
ମୁଗ୍‌ଧକର ମାନସ
ଛାଡ଼ି ରାଜକର୍ମ-ଚିଲିକା-
ତଟେ କଲେ ଉଆସ (୯୮
ଖାଲିକରି ରାଜକୋଷକୁ
ଗଢି ମହାଅଟ୍ଟାଳୀ
ଚିଲିକାର ବେଳାଭୂମିରେ
ଉଠିଲା ସେ ଉଜ୍ଜ୍ୱଳ (୯୯
ଥିଲେ ସ୍ନୃଡ଼ଗ୍ରାସ ବିଳାସୀ
ବିଳାସରେ ବିଭୋର
ନିତ ବିହାର କରନ୍ତ
ଦର୍ଶିବନ ଡେହେର (୧୦୦

Digitized by PPRACHIN, SOA

ଜଳଯାତ୍ରୀଙ୍କର-କଲ୍ୟାଣେ
କର୍ତ୍ତି ରଖିବା ପାଇଁ
ଜଳମଧ୍ୟଶିଳା-ଉପରେ
ସ୍ତମ୍ଭପଙ୍କ୍ତି ଗଢାଇ (୧୦୧
ସ୍ତମ୍ଭପର ଦଣେ ଦୂରକୁ
ଜଳମଧ୍ୟେ ରହିଣ
ଆକର୍ଷଣ କରେ ମାନସ
ସୁଧାଲିପ୍ତ-ହୋଇଣ (୧୦୨
ଏହିସ୍ଥଳ କର ନ ପାଇ
କେନ୍ଦ୍ର ଇଂରେଜୀ ମାନେ
ବିକ୍ରି କଲେ ରମ୍ୟା ପ୍ରାସାଦ
ନିଜ ଧନ ଅର୍ଜନେ (୧୦୩
ମିଞ୍ଜିର୍ନୀ ସାହେବ ନାମରେ
ଏକ ବଣିକ ବୀର
କ୍ରୟ କଲା ଏହି ପ୍ରାସାଦ
ଦେଇ ଧନ ଅପାର (୧୦୪
ଚିନି କାରଖାନା ଏଠାରେ
କରିବାକୁ ସ୍ଥାପନ
ମହା ମହା ବାର୍ଣ୍ଣି ମାନ ସେ
କରି ଲୀକ ଖନନ (୧୦୫

Digitized by PPRACHIN, SOA

ବାର୍ଦ୍ଧିଜଳ ଜାଣି-ଲବଣା-
ସକ୍ତ ବିଷାଦ ମନେ
ବିନିର୍ମିଲା ହର୍ମ୍ୟ - ପ୍ରାସାଦ
ହରିହର - ବଂଜନେ (୧୦୬
ଆସିଲେ ଦ୍ୱିତୀୟ-ଉତ୍କଳ-
ପ୍ରାଣ ନରେନ୍ଦ୍ର ମଣି
ଖଲ୍ଲିକୋଟ ରତ୍ନମୁକୁଟ-
ହରିହର ନୃମଣି (୧୦୭
ଉତ୍କଳ ପ୍ରଚଣ୍ଡ-କରତି
ପ୍ରଜାଙ୍କ ହିତକାରୀ
ବିଜେ ରମ୍ଭା ରମ୍ୟ-ପ୍ରସାଦେ
ସେହି ନୃପକେଶରୀ (୧୦୮
ନରବର ଯୋଗେ ଅଟ୍ଟାଳୀ
ବେଲୁ ବେଲୁ ବକଶି
ବିସ୍ତାରିଲା ନିଜ ଶରୀର
କିବା ଶୋଭାସରସୀ (୧୦୯
ଉନବିଂଶଦ୍ୱୟ-ଖ୍ରୀଷ୍ଟାବ୍ଦେ
ହରିହର-ରାଜନ
ପ୍ରଜାଙ୍କ ହିତରେ ଆଣିଲେ
ସଦ୍ୟ-ନୂତନ ଜ୍ଞାନ (୧୧୦

Digitized by PPRACHIN, SOA

ବଦ୍ୟାରତ୍ନ ନୀଳମଣିଙ୍କ
ସମ୍ପାଦନା-ବଳରୁ
'ପ୍ରଜାବନ୍ଧୁ' ରମ୍ୟ-ପତ୍ରିକା-
ଏହି ରମ୍ଭାଗ୍ରାମରୁ- (୧୧୧
ପ୍ରକାଶ ପାଇଣ ଉତ୍କଳେ
ମହାଖ୍ୟାତ ହୋଇଲା
ପ୍ରଜାବନ୍ଧୁ ନାମେ ପ୍ରଜାଙ୍କୁ
ଉପଦେଶ-କହିଲା (୧୧୨
ଉତ୍କଳ ଗଠନେ ମିଳଲେ
ମହାଉତ୍କଳ ବୀରେ
ଉନବିଂଶଶତ୍ୟ-ଖ୍ରୀଷ୍ଟାବ୍ଦେ
ରମ୍ଭା ଉଆସଠାରେ (୧୧୩
ଉତ୍କଳ ଗୌରବ ଶ୍ରୀମଧୁ
କର୍ମବୀର ଗଉର
ଗୋଦାବରୀଶଙ୍କ ଚରଣ
ରମ୍ଭା କୋଳେ ବହର (୧୧୪
ଆସିଥିଲେ ଦୁଃଖୀ ସେବକ-
ଉତ୍କଳ ବ୍ରହ୍ମବୀର
ଗୋପବନ୍ଧୁ ରାଧାନାଥ ଯେ
ନୀଳକଣ୍ଠ-ପ୍ରବର (୧୧୫

Digitized by PPRACHIN, SOA

—ঃ ମର୍ତ୍ତ୍ୟ ରମ୍ଭା ঃ—

ଉତ୍କଳର ଭାଗ୍ୟ ବିଧାତା
ପାରଳା ଶିରୋମଣି
କୃଷ୍ଣଚନ୍ଦ୍ର ଗତ କାଳରେ
ରାଜେ ରମ୍ଭା-ସରଣୀ (୧୧୬

ଭଞ୍ଜବଂଶ-ଯଶ-ମୁକୁଟ
ରାମଚନ୍ଦ୍ର ରାଜନ
ବ୍ୟାପକବଙ୍କର ସମେତେ
ପୂର୍ଣ୍ଣ ରମ୍ଭା-ଭବନ (୧୧୭

ଭକ୍ତ କବିମଧୁସୂଦନ
ପଣ୍ଡିତ କୃପାସିନ୍ଧୁ
ପ୍ରଜାଙ୍କ ଦୁଃଖରେ ଯାହାଙ୍କ
ଝରେ ନେତ୍ରରୁ ବିନ୍ଦୁ (୧୧୮

ଜଗବନ୍ଧୁ ସିଂହ ଆଗ୍ରହ୍ୟ-
ହରିହରଂକୁ ନେଇ
ହରିହର ଅଭିନନ୍ଦନେ
ଆସିଥିଲେ ସେ ଧାଇଁ (୧୧୯

ସ୍ୱାଗତ ସ୍ୱାଗତ ଭାଷିଲେ
ହରିହର ରାଜନ
ପାଶେଥିଲେ ଯଶ - ନିଶାଣ
ନୀଳମଣି ବ୍ରାହ୍ମଣ (୧୨୦

Digitized by PPRACHIN, SOA

ଯଥାମାନ୍ୟ କରି ସଭିଙ୍କୁ
ବସାଇଲେ ଉଅସେ
ଉତ୍କଳ ଗଠନେ ପ୍ରତିଜ୍ଞା
କଲେ ସର୍ବେ ହରଷେ(୧୨୧
ଉତ୍କଳ ଗଗନେ ଉଠିଲା
ଉତ୍କଳ—ସମ୍ମିଳନୀ
ପୂନ୍ୟପିଠ ରମ୍ଭା ଉତ୍କଳେ
ଧନ୍ୟ ଧନ୍ୟ ବଖାଣି (୧୨୨
ସଭାପତି ପଦେ ଭୂଷିତ-
ହେଲେ ମଧୁସୂଦନ
ଉପଦେଷ୍ଟା ମୁଖ୍ୟ ହୋଇଲେ
ହରିହର - ରାଜନ (୧୨୩
କ୍ରମେ କ୍ରମେ ହେଲା ବ୍ୟାପକ
ଏହି ବିଶାଳ ସଭା
ଅଖଣ୍ଡ ଉତ୍କଳେ ଘୋଟିଲା
ଯାର ଅତୁଳ ପ୍ରଭା (୧୨୪
ଧନ୍ୟ ଧନ୍ୟ ତୁହି ରମ୍ଭାଗୋ
ଇତିହାସ - ଜନନୀ
ଗାନ୍ଧୀ ମୋତିଲାଲ-ନନ୍ଦନ
କାଲେ ଥିଲେତ ଗମୀ (୧୨୫

Digitized by PPRACHIN, SOA

ରହିଅଛି ତାଙ୍କ ସ୍ୱାକ୍ଷର
ଚମ୍ପା ପ୍ରାସାଦ ଠାରେ
କେଉଁ ଗୁଣେ ତୁହି ନନ୍ଦନ
କହି ମୋତେ ମୁଖରେ (୧୨୭

ଜବଲ୍‌ଲଂକର ମନକୁ
କରିଥିଲୁ - ହରଣ
ଗାନ୍ଧୀ-କୀର୍ତ୍ତି-ରୂପେ ବିଖ୍ୟାତ
ଗାନ୍ଧୀ ସେବା ସଦନ (୧୨୭

ତୋର ଅପରୂପ ମୁରତି
ଉତ୍କଳରେ ଚହଲ
କେତେ ଚକ୍ରବର୍ତ୍ତୀ ତୋ-ରୂପେ
ହୋଇ ନାହାଁନ୍ତି ହେଲ (୧୨୮

କୃଷ୍ଣଚନ୍ଦ୍ର ପୁନଃ ଆଗତେ
ତୋର ଛବି-ଉଜ୍ଜ୍ୱଳ
ଗୁରୁ-ବିତାନରେ ଗଢ଼କ
ପଢ଼ୁଥିଲା ଉତ୍କଳ (୧୨୯

ଉତ୍କଳ-ପ୍ରସିଦ୍ଧ ଚନ୍ଦନ-
ଯାତ୍ରା ତୋର କୋଳରୁ
ବର୍ଷ ବର୍ଷ ଆସେ ଝଲସି
ପୂର୍ବାଗ୍ରହ୍ୟ-କୃତରୁ (୧୩୦

Digitized by PPRACHIN, SOA

ରମ୍ଭାଚନ୍ଦନର ମହକ-
ଗଲେ ମଧ୍ୟ ବଦଳି
ରହିଅଛି ପୂର୍ବ ସ୍ମୃତିର-
ଘଣ୍ଟିଠାଜ ଝକୁଳି (୧୩୧
ବୀରୁଳର ମହା କରତ
ରୂପାଜୀବ ସ୍ଥାପନା
କାଳେ କାଳେ ଆସେ ଢକଣି-
ଛାରେ ଯଥା ଚନ୍ଦ୍ରମା (୧୩୨
ହେ ଶୋଭା ନଗରୀ-ରୂପସୀ
ତୋର ଐତିହ୍ୟଗୁଣ
ଶତଶତ ବର୍ଷ ବ୍ୟାପକ
କେବା କରେ ବର୍ଣ୍ଣନ (୧୩୩
ମୁଁ ମହାଅଜ୍ଞାନୀ ତୋରବା
ପୂର୍ବମହାନ କୀର୍ତ୍ତି
ପାରିବକି କହି ରମ୍ଭାଗୋ
କଦାକାଳରେ ଶକ୍ତି (୧୩୪
ଯାହାଆସି ମୋର ମାନସେ
କଲି ସ୍ୱଳ୍ପ ସ୍ମରଣ
ଛନ୍ଦଁରେ ଐତିହ୍ୟ ମିଶାଇ
କଲି ସ୍ନେହେ ବର୍ଣ୍ଣନ (୧୩୫

Digitized by PPRACHIN, SOA

ଥିଲେ ଦୋଷାଦୋଷ କ୍ଷମିବୁ
ଆଗୋ ପ୍ରିୟନଗରୀ
ବର୍ଣ୍ଣିବାକୁ ମନ ଉଲ୍ଲସେ
ତୋର ପ୍ରକୃତ-ଶିର (୧୩୬
ପ୍ରକୃତ ମଣ୍ଡନା-ଦର୍ଶାଅ
ତୋର ପ୍ରକୃତ ରାଣି
ମୋ ଲେଖନୀ ଚଳୁ ଆମୋଦେ
ଭେଦ ଶୋଭା ସରସୀ (୧୩୭
ତୋର ପ୍ରାଚୀଦଗେ ପତନ
ନୀଳମ - ଉପବାଣ
ନୀଳ-ଉଜ୍ଜଳରେ ମଣ୍ଡିତ
ହରେ ଦର୍ଶକ ମନ (୧୩୮
ବରକୁଦା କେଳ ଉଦ୍ୟାନ
ନୀଳ ଜଳ ମଧ୍ୟରେ
ଦାମ୍ପତ୍ୟ-ମନକୁ ବିମୁଗ୍ଧ
କରେ ଯା ସୁଷମାରେ (୧୩୯
ଯୁବକ-ଯୁବତୀ-କ୍ରିଡ଼ାର
ଅପରୂପ-ପ୍ରାଙ୍ଗଣ
ଭାରତର ସୀମା ବାହାରେ
ଖ୍ୟାତ ଯାର ସୁଗୁଣ (୧୪୦

Digitized by PPRACHIN, SOA

କେଳି ଉପବନ କଟୋରୀ
ଜୀର୍ଣ୍ଣ - ହୋଇଛି ପର
ମଉଳ ନାହିଁ ତା ସୁଷମା
ଦିଶେ ଦୂରରୁ ଚୋର (୧୪୧
ଚିର ଶୋଭାମୟୀ ଚିଲିକା
ନୀଳ ଜଳେ ଉଚ୍ଛୁଳ
ପକ୍ଷୀ କାକଳୀ-ସମୀର
ଆସେ ଯା ବକ୍ଷୁ ଖେଳ (୧୪୨
ଶତଶତ ବୃକ୍ଷେ ତରଣୀ-
ଯାର ନୀଳବକ୍ଷରେ
ରମ୍ଭାର ଉତ୍ତମ-ନାବିକେ
ନାବ ଚାଳନ୍ତି ଖରେ (୧୪୩
ବେଳାଭୂମୀ ଯାର ବ୍ୟାପକ
ଗୁଳ୍ମ ଗୁଲ୍ଫ ମାଳିନୀ
ହେ ରମ୍ଭା ତୋ ଶୋଭା ବର୍ଣ୍ଣନେ
ଅସ୍ଥିର ମୋ ଲେଖନୀ (୧୪୪
କାଳେ କାଳେ ଭୋଗ-କୋଳରେ
ଆସି ବିଦେଶୀ ଗଣ
ବାସକର ଶାନ୍ତ ଲଭନ୍ତ
ଦର୍ଶ ତୋ ଉପବଣ (୧୪୫

Digitized by PPRACHIN, SOA

—ଃ ମର୍ତ୍ତ୍ୟ ଉମା ଃ—

ବଙ୍ଗଦେଶ - ରମ୍ୟନସ୍ନୁନା
ସଦଲରେ ବହର
ଶଲିକାର-ଉପତ୍ୟକାରେ
ଜନମାନସ—ହର (୧୪୬

କ୍ରିଡ଼ା କରୁଛନ୍ତି ନବତ
ଦାମ୍ପତ୍ୟ - ସୁଲଭରେ
ଆସି କେତେ କେତେ ତରୁଣ
ତରୁଣୀ ତୋ-କକ୍ଷରେ (୧୪୭

ଖଲକୋଟ ଦୁର୍ଗ-ମୁକୁଟ-
ହରିହର-ନନ୍ଦନ
ତୋ ଶୋଭାରେ ହୋଇ ବିମୁଗ୍ଧ
ରଚିଛନ୍ତି - ଭବନ (୧୪୮

ଦୂରୁ ଦେଖାଯାଏ ପ୍ରାସାଦ-
ସୁଧା ବିଲିପ୍ତ ତୋରି
ମନମୁଗ୍ଧକାରୀ ଛବିର
କିବା ବଳିଷ୍ଠ ହରି (୧୪୯

ନିଃଶ୍ରେଣି ମାଳିନୀ ଅଟ୍ଟାଳୀ-
ସୌମ୍ୟ ଟଳିକା କୂଳେ
ବିଦ୍ୟମାନ ହୋଇ ବିକଶେ
ନାନା ଶିଳ୍ପ କୌଶଳେ (୧୫୦

Digitized by PPRACHIN, SOA

—ଃ ମର୍ତ୍ତ୍ୟ ରମ୍ଭା ଃ—

ଗୁଲ୍‌ଫ ଲତିକାର ବଘଞ୍ଚେ
ଫୁଟି କୁସୁମାମାନେ
ବଚିତ୍ର-ସୁନ୍ଦର ଦଶନ୍ତ
ନୀଳପଦ୍ମ-ଗହଣେ (୧୫୧

ପ୍ରମୋଦ-ଉଦ୍ୟାନ ମଧ୍ୟରେ
ପାନ୍ଥନିବାସ-ଛବି
ବିସ୍ତାର-କଠୋରୀ-ବିକଶେ
କିବା ଶୋଭାର-ଛବି (୧୫୨

ନୀଳ-ସୁଧା ହୋଇ ବିଲୁପ୍ତ
ନୀଳାମ୍ବୁଧି ସମାନ
ଦୂରୁଦେଖାଯାଏ ରମ୍ୟତା
ମହା ବ୍ୟାପକସ୍ଥାନ (୧୫୩

ଉଡ଼ିଆସି କେକୀ ଉଲ୍ଲାସେ
ମେଲି ନିଜଚନ୍ଦ୍ରିକା
ବସି ପାନ୍ଥାବାସ-ଶୀର୍ଷରେ
କରୁଅଛନ୍ତି କେକା (୧୫୪

ସ୍ୱାର ପ୍ରତିରୂପେ ଅଛିକ
ଉତ୍କଳରେ କେ ବଳୀ
ଉତ୍କଳର ଶୋଭା ପସରା
ରମ୍ଭା-ଗୁରୁ-ପିତୁଳ (୧୫୫

Digitized by PPRACHIN, SOA

—ঃ ମର୍ତ୍ତ୍ୟ ରମ୍ଭା ঃ—

ପ୍ରକାଣ୍ଡ-ପ୍ରାଙ୍ଗଣ-ବିରାଜେ
ପାନ୍ଥାଗାର-ଦକ୍ଷିଣେ
କ୍ରିଡ଼ାଛଳେ ଆସି ବାଳକେ।
କ୍ରିଡ଼ନ୍ତି ମୁଦମନେ (୧୫୬
ଜନମନ ହରା ତୋରୂପ
ଦେଖିବାର ମନାସି
ଆସି ପର୍ଯ୍ୟଟକେ ତୋ ଶୋଭା
ଦେଖି ବହୁ ପ୍ରଶଂସି (୧୫୭
ଉତ୍ତୁରେ-ବସନ୍ତ କୁସୁମେ-
ମଲ୍ଲୀ-ଗନ୍ଧରୁ ଚେହେରା
ଉତ୍କଳରେ ରମ୍ଭା ଅଟୁ ତୁ
ଶୋଭା ସ୍ୱପର୍ଣି-ହାରା (୧୫୮
ରାଜପଥ ଅଛୁ - ପ୍ରଲମ୍ବି
ତୋର ବକ୍ଷରେଖାରେ
ଜନମନ-ହରା ନୀଳମ-
ନୀଳବସ୍ତ୍ର — ପ୍ରକାରେ (୧୫୯
ଯାନ ବାହାନର ଗତିରେ
ହୋଇ ତୁ ମୁଖରିତ
ବୀରବାଦ୍ୟକରୁ ବାଦନ
ଏହା ଆମ୍ଭର ମତ (୧୬୦

Digitized by PPRACHIN, SOA

ଶରତ୍ କାଳେ ତୋର ଶରୀର
ହୋଇ ଶସ୍ୟଶ୍ୟାମଳା
ଦାନ କରେ ଜନ ଲୋଚନେ
ଶୋଭା ପିପାସା-ମାଳା (୧୬୧

ବକ୍ଷ ସରଣୀର ରେଖାରେ
ଲକ୍ଷ୍ୟବାହୀ-ଭୂଧର
ରକ୍ତ ନୀଳ ବର୍ଣ୍ଣେ ଖଣ୍ଡିଆ
ଶଙ୍ଖ ପୁଞ୍ଜି-ପ୍ରକାର (୧୬୨

ରକ୍ତମ-ମୃତ୍ତିକା-ଧାରଣୀ
କ୍ଷୁଦ୍ର କୁଞ୍ଜେ-ମଣ୍ଡନା
ରକ୍ତ-ପାଷାଣର କଠୋରୀ
ଦୂରୁ ନୀଳଶୋଭନା (୧୬୩

ଯାର କୋଳେ ବାସ କରନ୍ତି
ପାଲ ପାଲ ଶୃଗାଳ
ନିଶାକାଳେ ରବ ଭ୍ରମନ୍ତି-
ହୋଇଣ ଦଳଦଳ (୧୬୪

ଉତ୍ତର-ନାଶିରେ-ବଗିକେ
ସୁଧାଲିପ୍ତ-ସଦନ ।
ଧବଳେ ଉଜ୍ଜ୍ୱଳେ-କଠୋରୀ
ପର୍ଣ୍ଣାଚ୍ଛନ୍ନେ ରହିଣ (୧୬୫

Digitized by PPRACHIN, SOA

ଉଚ୍ଚ ମୂଲକଣ୍ଠ - ଶିକ୍ଷାର
ବିଦ୍ୟାଳୟ ସ୍ଥିତରେ
ଉଚ୍ଚ ଯଶକର୍ତ୍ତି ରହିଛି
ଏହି ରମ୍ଭା ମଧ୍ୟରେ (୧୬୬
ଉତ୍ତମ-ଶିକ୍ଷକ ମଣ୍ଡଳ
ରହିବାରୁ ଆଜବୋର
ଶିକ୍ଷିତ ବାଳକେ ଆସନ୍ତି
ରମ୍ଭାନଗରେ-ପୁର (୧୬୭
ଲକ୍ଷ୍ୟବାହୀ ନୀଳ ବକ୍ଷରେ
ଉଠି ବାଳକମାନେ
ନାନା କ୍ରିଡ଼ାଛଳେ କ୍ରିଡ଼ନ୍ତି
ଶିର ଶୋଭି-ବର୍ଣ୍ଣନେ (୧୬୮
ଯୋବଣ-ଶିଖର ଦକ୍ଷିଣ-
ନାହି-ଧବଳଶାଳା
ବିସ୍ତାର-ଚତ୍ୱରେ ବସିକେ
ପିତ କଠୋରୀମାଳା (୧୬୯
ପ୍ରକାଣ୍ଡ-ପ୍ରାଙ୍ଗଣେ ବିସ୍ତାର
ଅର୍ଦ୍ଧ'ବର୍ଗ'-ଆକୃତି
ସୁ ସ୍ତମ୍ଭ-ମାଳନୀ କଠୋରୀ
ନବଶିଳ୍ପୀଙ୍କ କୃତ (୧୭୦

Digitized by PPRACHIN, SOA

ଶରଣୋଦ୍ଧାରୀ-କମଳ
ଯଥା ସୁମନ-କୁଳେ
ମହାବିଦ୍ୟାଳୟ ମଧ୍ୟରେ
ତଥା ଏହି ବିକୁଳେ (୧୭୧
ରମ୍ଭା ଭାଗ୍ୟରବି-କଅବା
ବିଦ୍ୟାଳୟ-ରୂପରେ
ଆକାଶରୁ ଆସି ଅଛନ୍ତି
ଲକ୍ଷ୍ୟବାହୀ-ନାସିରେ (୧୭୨
ଜଗନ୍ନାଥ ନାମେ ନାମିତ
ମହାବିଦ୍ୟାଳୟ
ବିଦ୍ୟାଳୟରୂପୀ ଅନୀଳେ
ଏହିପରି ମଳୟ (୧୭୩
ଅଳ୍ପଦୂରେ ଗୃହୁ ବନାନୀ-
ଆମ୍ରକୁଞ୍ଜ-ମଣ୍ଡିତା
ବସନ୍ତ କୋକିଳ-ଧ୍ୱନୀରେ
ଆହ୍ଲାସେ ମଧୁରତା (୧୭୪
ହେ ବିଦ୍ୟାଳୟ ତୁ ଗୁଣଜ୍ଞା
ଧୀର ଶିକ୍ଷକଧାରୀ
ନୃତ୍ୟରତା ରମ୍ଭା-ସମାନ
ଦୂରୁ ଦିଶେ ଚୋଷିର (୧୭୫

Digitized by PPRACHIN, SOA

ବ୍ୟାପୁଅଛି ତୋର ସୁଯଶ-
ଧୀରେ ଧୀରେ ଉତ୍କଳେ
ଉଡ଼େ ତୋର ଯଶକେତନ
ଲକ୍ଷ୍ୟବାହୀ-ଶଇଳେ (୧୭୬
ଅଧ୍ୟାପକ ଅଧ୍ୟାପିକାଙ୍କ-
ଗୁଣେ ହୋଇ ବହୋର୍
ଜ୍ଞାନୀ- ଛାତ୍ର ଛାତ୍ରୀ ତୋକୋଳେ
ପୁର ଅଛନ୍ତି ପର୍ (୧୭୭
ପରିଚାଳନାର ଗୁଣଙ୍କେ
ତୋର ଯଶ କେତନ
ରମ୍ଭାର ତୁ ମହା ଗୌରବ
ଭବିଷ୍ୟତ-ଜୀବନ (୧୭୮
ନୀଳପଦ୍ମଧାରୀ ନୀଳିମା-
ନୀଳବକ୍ଷରୁ ଆସି
କ୍ରୀଡ଼ନ୍ତ ସାରସେ ତୋଶୀର୍ଷ
ଶୋଭାସ୍ଥଳରେ ବସି (୧୭୯
ପକ୍ଷୀ-କାକଳିରେ ବିହୋର୍
ତୋର ସୀମା-ପ୍ରାଙ୍ଗଣ
ମାନ ସରୋବର-ନିକଟ
ସମ ଦର୍ଶେ ଶୋଭନ (୧୮୦

Digitized by PPRACHIN, SOA

କିବା ରମ୍ଭାରୂପୀ-ସୁନ୍ଦରୀ
ନିଜ ତପସ୍ୟାବଳେ
ଯତ୍ନେ ତୋଳି ତୋତେ ସ୍ଥାପିଲା
ସ୍ୱର୍ଣ୍ଣ-ବର୍ଣ୍ଣ-କପୋଳେ (୧୮୧
ହେ ରମ୍ଭା ତୋ ଭାଲ ତିଳକ-
ଅକଳଙ୍କେ-ଧବଳ
ବେଲ୍ଲୁ ବେଲ୍ଲୁ ବିସ୍ତାର
ଯଶରୂପକ-କଳା (୧୮୨
ହିନ୍ଦୁଜାତି କୁଳ ପ୍ରଥାର
ବିନ୍ଦୁଧାରୀ-ଲଳନା
ଉତ୍କଳ-ମହଲେ ରମ୍ଭାଗୋ
ନାହିଁ ତୋର ତୁଳନା (୧୮୩
ନାନା ଜାତିତୋର-ବକ୍ଷରେ
କରି ଅଛନ୍ତି ବାସ
ମହତ ଉନ୍ନତ ଜ୍ଞାନର
ତୁହି ମହାନିବାସ (୧୮୪
ବେଢ଼ିଅଛୁ ବାଡ଼ ଆକାରେ
ଚଉଦଗେ-ଶଇଳ
ପ୍ରକୃତିର ମହା ପ୍ରାଚୀର
ପ୍ରକୃତିରେ ଶ୍ୟାମଳ (୧୮୫

Digitized by PPRACHIN, SOA

କିବା ରମ୍ଭାରୂପୀ-ସୁନ୍ଦରୀ
ମୁକ୍ତ କରିଛି କେଶ
ବଳୟ-ରୂପରେ ପତନ
ମଧ୍ୟେ ସୁରମ୍ୟ ହାସ (୧୮୬
ରହି ତୋର କୋଳେ ଯହିଁକି-
କଲେ ନେତ୍ର ପତନ
ଦିଶେ ନେତ୍ରପଥେ-ଶଇଳ
ନୀଳମର୍କତ-ବର୍ଣ୍ଣ (୧୮୭
ପୁଣ୍ୟ-ଦେବାଳୟ ମଣ୍ଡଳ
ତୋର ନୀଳ-ଶରୀରେ
ରହିଛନ୍ତ ଭକ୍ତ-ହୃଦରେ
କେତନ-ଉନ୍‌ମୁକ୍ତରେ (୧୮୮
ସୁଧାଭରା ଶୃଙ୍ଗ-କୁନ୍ତଳ-
ତୋର ପଶ୍ଚିମେ ପଡ଼ି
ରହିଅଛି ବନରୂପରେ
ନୀଳ-ପଲ୍ଲବେ ଜଡ଼ି (୧୮୯
ମୋ କଳ୍ପନା ଜଳେ ତୁ ଯଦ
ସ୍ୱର୍ଣ୍ଣଧୌତ-ବରଣା
ଉତ୍କଳର ପ୍ରିୟ-ସଙ୍ଗିନୀ-
ରମ୍ଭା ଉତ୍କଳେ ଧନ୍ୟା (୧୯୦

Digitized by PPRACHIN, SOA

ସୌଧ-ବଳୟରେ ପୁରତ
ତୋର ବିମଳବକ୍ଷ
ଆନ ଆନ ଶୋଭା ଚୁମ୍ବଇ
ଜନ ନେତ୍ରେ ପ୍ରତ୍ୟକ୍ଷ (୧୯୧
ରହିଛନ୍ତି କେତେ ସରସୀ
ଚନ୍ଦ୍ର ଧରଣୀ—କୋଳେ
କେତେ ନାମ ତାର ହିଷଇ
ବର୍ଣ୍ଣିବାର—ବିରଳେ (୧୯୨
ପ୍ରାସାଦର ପୂର୍ବ—କାନନ
ରସକେଳି—ଉଦ୍ୟାନ
ତନ୍ମଧ୍ୟରେ ରହି ବଙ୍ଗଳା-
ବନ୍ଧ ଦଶେ ଶୋଭନ (୧୯୩
ହେ ରମ୍ଭା ତୋ ବକ୍ଷ ଉପରେ
ଦୃଷ୍ଟ ଦଶେ ଦୀପିନୀ
ପଦ୍ମ ଦଳେ ଜଳ ଚଞ୍ଚଳା
ସ୍ୱଚ୍ଛ ଅମ୍ବୁ-ଧାରିଣୀ- (୧୯୪
ବିସ୍ତାର-ଉଜ୍ଜ୍ୱଳ ଧବଳ
କିବା ଦୌପ୍ୟଦର୍ପଣ
ଦୋଭାଗି ବନ୍ଧର ବିଗ୍ରହ
ହୋଇ ଅଛି ପତନ (୧୯୫

Digitized by PPRACHIN, SOA

ଦିବା ରାତ୍ର ଯାର ସଲିଳ-
କଳ କଳ ନାଦିନୀ
ରମ୍ଭା ବାସୀ - ସ୍ନାନେ ଆମୋଦ
ଯହିଁ ଦିବା ରଜନୀ (୧୯୭
ଧୀରଗତି — ବଧୂକୁଳର
ପଦଦ୍ୱାର - ନିକ୍ୱଣେ
ସୁଧାମୟ ହୁଏ ଶ୍ରବଣ
ଯଥା ମୁଖ-ନିଶାଚଣେ (୧୯୭
ଦୁର୍ଗତି ନାଶିନୀ - ଭବାନୀ
ଦୁଃଖ ତାପ ହାରଣୀ
ବସିଛନ୍ତି ପୂର୍ବ - ମୁଖରେ
ଦୁର୍ଗା-ରୂପେ ଜନନୀ (୧୯୮
ଦେବୀଙ୍କ ଦକ୍ଷିଣେ ସାରସୀ
ନୀଳଅମ୍ବୁରେ ପୂତ
ରମ୍ଭା-ବୈଶ୍ୟଙ୍କର କରତ
ହୁଅଇ ବିକଶିତ (୧୯୯
ନୀଳ ପାଷାଣରେ ବେଷ୍ଟିତ
ଯାର ପ୍ରାଚୀରମାଳା
ପାହାଚବନ୍ଧ ବୋଲି ନାମ
ପୂର୍ବେ ଯେ ବହିଥିଲା (୨୦୦

Digitized by PPRACHIN, SOA

ଅଛି କି ଉତ୍କଳେ ଏପରି
　　　　କାହିଁ ଅନସରସୀ
ଉତ୍କଳ ସଂସ୍କୃତି ସକଣେ
　　　　ରମ୍ଭାକୋଳେ ବଲସୀ (୧୦୧
ନୀଳଜଳେ ଯାର ମୂରନ୍ତ
　　　　ଦୂରୁ ନୀଳମବର୍ଣ୍ଣ
ନେଳବନ୍ଧ ନାମେ ବଖ୍ୟାତ
　　　　ରମ୍ଭା- ଐତହ୍ୟସ୍ଥାନ (୧୦୨
ଉଚ୍ଚ ଉଚ୍ଚ ଦେବଆଳୟେ
　　　　ବଟଛାୟା ମଣ୍ଡିତା
ସୁଧାଲିପ୍ତ ନେହେ ଝଲସେ
　　　　ଯଥା ସୁବର୍ଣ୍ଣ-ଛତା (୧୦୩
ଟକଠେ କେଠେ ମହାକରତ
　　　　ଭୋର ବକ୍ଷ-ମଣ୍ଡନେ
ଅଳଙ୍କାର ରୂପେ ରହିଛି
　　　　ଜନମନ - ହରଣେ (୧୦୪
ସାୟଂକାଳେ ଆସେ ଦେବୀଙ୍କ
　　　　ମନ୍ଦରୁ ଘଣ୍ଟଧ୍ୱନୀ
ସନ୍ଧ୍ୟାଆଳତିର ନଘୋ'ଷେ
　　　　ବେଦ ପବନ୍ଦ- ବାଣୀ (୧୦୫

Digitized by PPRACHIN, SOA

ରମ୍ଭାଇଷ୍ଟ ଦେବୀ ଚାମୁଣ୍ଡା
            ପୂର୍ବ-ଦ୍ୱାରେ ବିଜୟନ୍ତି
ମହିମା-ମଣ୍ଡନା-ଜନନୀ
            ସ୍ୱଚ୍ଛ ଯାର ନିଲନ୍ତି (୧୦୬
ଆସିଥିଲ୍ ଯବନେ ଚଳକା-
            ରମ୍ଭା-ଗ୍ରାସିବା ପାଇଁ
ଦେବୀଙ୍କ ମହିମା-ବଳରେ
            ଦୂରେ ରହିଛି ଯାଇ (୧୦୭
ଦେବୀ ଅଗ୍ରଭୂମୀ ପ୍ରସାର
            ମହା ପବିତ୍ର କ୍ଷେତ୍ର
ରମ୍ଭା-ପେଣ୍ଠ ନାମେ ପୂର୍ବରେ
            ହୋଇ ଥିଲି ବିଖ୍ୟାତ (୧୦୮
ଯାତ୍ରାପରି ଜନ ଗହଳେ
            ପୂର୍ଣ୍ଣଥିଲି ସେ ସ୍ଥଳ
ଆସୁଥିଲେ ଦେଶବିଦେଶୁ
            ବହୁ ବଣିକ କୁଳ (୧୦୯
ନାହିଁ ଆଉ ସେହି ବିଭବ
            ଯାଇଛି ଲୋପହୋଇ
ମରୁଭୂମୀ ପରି ପଡ଼ିଛି
            ରାଜଲକ୍ଷ୍ମୀ ହରାଇ (୧୧୦

Digitized by PPRACHIN, SOA

—ଃ ମଞ୍ଜୀ ଚମ୍ପା ଃ—

ଏତକ ମାଗୁଣି ଚମ୍ପାଗୋ
ତୋର ଚରଣ ତଳେ
ହୃଷେ ଜଗନ୍ନାଥ ଶରଣ-
ତୋର ପଦ-କମଳେ (୨୧୬

ଲେଖାକାଳ :- ୧୫-୭-୯୫ ଠାରୁ ୨୦-୭-୯୫ ମଧ୍ୟରେ

Digitized by PPRACHIN, SOA

ତରୁଣକବି ଜଗନ୍ନାଥ ଦାଶ

ମୋର ଅପ୍ରକାଶିତ ସ୍ୱବରେ ରହିବା କାବ୍ୟମାନ

୧. ସୀତେଶ ଚରିତାମୃତ
୨. ବିରହ ବିନୋଦିନୀ
୩. ପ୍ରଣୟ ତରଙ୍ଗିଣୀ
୪. ବିଦଗ୍ଧଦୂତ
୫. ଅବନା ଭକ୍ତମନରଞ୍ଜନ
୬. ଉତ୍କଳ ମଞ୍ଜରୀ
୭. ରାଧାପ୍ରେମ ନିର୍ଝରଣୀ - ପ୍ରକାଶିତ

ବର୍ତ୍ତମାନପାଇଁ 'ମର୍ତ୍ତ୍ୟରମ୍ଭା'

Digitized by PPRACHIN, SOA